A-PDF OFFICE TO PDF DEMO: Purchase from www.A-PDF.com to remove the watermark

# ନୂତନ ପ୍ରତ୍ୟୁଷ

ଦୁର୍ଦ୍ଦିନ ଓ ଦୁରାଚର ଚତୁର୍ଦ୍ଦିଗେ ଘୋଟିଥିଲା
ପାରସ୍ୟ ସାମ୍ରାଜ୍ୟ ରସାତଳେ ଧସିଥିଲା ।
ଅଧର୍ମର ଅନ୍ଧକାରୁ ଆଲୋକ ଘୋଟିଲା,
ଜନ୍ମନେଲେ ଯୁଗଳ, ପ୍ରଭୁ ବାବ୍, ବାହ'ଓଲ୍ଲହ୍ ।
ନୂତନ ଯୁଗର ତୁରୀ ଶଙ୍ଖନାଦ କଲେ,
ସାରା ପୃଥିବୀକୁ ଏକ କରିବୁ ବୋଇଲେ ।
ମହମ୍ମଦ ଶେଷ, ତୁମେ ପୁଣି କିଏ ପେଗାମ୍ବର ?
ଇସଲାମ୍‌କୁ ଅବଜ୍ଞା, ପ୍ରଶ୍ନ କର କୋରାନ୍‌ର ?
ଏମନ୍ତ ଦୋଷାରୋପ କରି ମୁଲ୍‌ହା ଗଣ,
ହଜାର ହଜାର ବାବୀ ତଥା ବାହ'ଈଙ୍କ କରିଲେ ହନନ
ଅଗଣିତ ସତ୍ୟ ସନ୍ଧାନୀଙ୍କ ହାହାକାର କଳରବ,
କ୍ରୂରଭାବେ ହତ୍ୟାକଲେ ମହାତ୍ମା ସେ ବାବ୍ ।
ବାହ'ଓଲ୍ଲହ୍ ଥାମିନେଲେ ସତ୍ୟରୂପୀ ଡୋର,
ପୃଥିବୀକୁ ବ୍ୟାପିଗଲା ଏକତାର ସୁର ।
ମହାଜ୍ଞାନୀ, ମହାଧନୀ, ମହାଗୁଣୀ ଲୋକମାନେ,
ଛୁଟିଲେ ଆତ୍ମାକୁ ଶାନ୍ତି ତଥା ସତ୍ୟର ସନ୍ଧାନେ
ଧର୍ମ ଏକ, ବିଶ୍ୱ ଏକ, ଏକମେବ ଯେ ଈଶ୍ୱର,
ନାରୀ, ପୁରୁଷ ଏକତା ହୋଇବ ମହୀର ।
ଧର୍ମ, ବିଜ୍ଞାନ, ସୁଶାସନ ଓ ସଚ୍ଚରିତ୍ରତା ମିଶିଯିବେ,
ସମଗ୍ର ମାନବଜାତିକୁ ସୁଦୃଢ, ସମୃଦ୍ଧ କରିବେ ।
ରାଜା, ରାଣୀ, ମନ୍ତ୍ରୀ ତଥା ସାଧାରଣ ଜନ,
ଚତୁର୍ଦ୍ଦିଗେ ବିଞ୍ଚି ଦେଲେ ବାହ'ଓଲ୍ଲହ୍‌ଙ୍କ ଯେ ଜ୍ଞାନ ।
ସବୁ ଧର୍ମ ସତ୍ୟ, ଶିବ ଓ ସୁନ୍ଦର,
ଏକତା ଅଭାବେ ହେଉଅଛି ଛାରଖାର ।
ପ୍ରଭୁବାହା ଜାଣିଥିଲେ ଭେଦ ଯେ ଏହାର,
ଦିବ୍ୟଚୁକ୍ତି ଲେଖି କଲେ ସ୍ଥାୟୀ ଉପଚାର ।
ବାହାଙ୍କର ଜ୍ୟେଷ୍ଠପୁତ୍ର ଏଫେଣ୍ଡି ଆବ୍ବାସ
ତାଙ୍କ ମଧ୍ୟେ ଦିଅଁ କଲେ ସମ୍ପୂର୍ଣ୍ଣ ନିବାସ
ସର୍ବଗୁଣ, ଦିବ୍ୟଜ୍ଞାନ, ତ୍ୟାଗ, ସେବାର ଗାରୀମା,
ଈଶ୍ୱରଙ୍କ ରହସ୍ୟ ସେ, ବାହ'ଈଙ୍କ ଚଳନ୍ତି ପ୍ରତିମା ।
ଦିବ୍ୟ ସମ୍ବିଦାର କେନ୍ଦ୍ର, ବ୍ୟାଖ୍ୟାକାର ପିତାଙ୍କର,
ଅବଦୁଲ୍-ବାହା ସେ, ଉଦାହରଣ ଆମ ସଭିଙ୍କର ।
ଅସରନ୍ତି ମହିମା ଯେ ବାହ'ଈ ଧର୍ମର,
ନୂତନ ବିଶ୍ୱ ସଭ୍ୟତା ସ୍ଥାପନା କରିବ ଅପାର
ଆସନ୍ତୁ ପାବନ ଯୁଗଳ ବାର୍ଷିକି କରିବା ପାଳନ,
ଶତବାର୍ଷିକୀ ପ୍ରିୟ ମାଷ୍ଟରଙ୍କ ସ୍ୱର୍ଗାରୋହଣ ।
ଶପଥ ନେବା ଓ ହେବା ଦୃଢ କଟିବଦ୍ଧ,
ଜଗତକୁ କରିବା ବାବ୍, ବାହ'ଓଲ୍ଲହ୍‌ଙ୍କ ଶିକ୍ଷାରେ ଉଦ୍‌ବୁଦ୍ଧ ।

By Prof.(Dr.) Shashikanta Panigrahi, Bhubaneswar